# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**23 August - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ-ଇସ୍ରୋ ଦେଶର ସାମାଜିକ ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ଅଭୂତପୂର୍ବ ଯୋଗଦାନ ଦେଇଛି କହିଲେ ରାଷ୍ଟ୍ରପତି
- ରାଜ୍ୟ ସରକାର ଖୁବ୍ ଶୀଘ୍ର ନୂଆ ଅବକାରୀ ନୀତି ଆଣିବେ; ଗୃହରେ ସୂଚନା ଦେଲେ ଅବକାରୀ ମନ୍ତ୍ରୀ

ଏବଂ

- ପୁଣି ଥରେ ଆଜି ଖୋଲାଗଲା ଶ୍ରୀମନ୍ଦିର ରତ୍ନଭଣ୍ଡାର

# ସ୍ପେସ୍ ଡେ

ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ-ଇସ୍ରୋ  ଦେଶର ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ଅଭୂତପୂର୍ବ ଯୋଗଦାନ ଦେଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆଜି ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସର ମୁଖ୍ୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି  ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଭାରତର ମହାକାଶ ଗବେଷଣା   ମହାକାଶରେ ଅନେକ ରହସ୍ୟକୁ ଲୋକଲୋଚନକୁ ଆଣିବାକୁ ସକ୍ଷମ ହେବ।

**-V/O-**

କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି, ମହାକାଶ କ୍ଷେତ୍ରରେ ପୂର୍ବରୁ ରହିଥିବା ସମସ୍ତ ପ୍ରତିବନ୍ଧକକୁ କେନ୍ଦ୍ର ସରକାର ମୁକ୍ତ କରିଛନ୍ତି । ସେ କହିଛନ୍ତି ୭୦ ବର୍ଷ ଧରି ମହାକାଶ କ୍ଷେତ୍ରରେ ରହିଥିବା ଗୋପନୀୟତାକୁ ଦୂର କରି ଆଜି ଦେଶ ଅଗ୍ରଗତି କରୁଛି।

ସୂଚନାଯୋଗ୍ୟ, ଦେଶରେ ଆଜି ପ୍ରଥମ ଜାତୀୟ ମହାକାଶ ଦିବସ ପାଳନ କରାଯାଉଛି । ଚନ୍ଦ୍ରଯାନ-୩ର ସଫଳତା ପରେ ଅଗଷ୍ଟ ମାସ ୨୩ ତାରିଖକୁ ଜାତୀୟ ମହାକାଶ ଦିବସ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ । ଗତବର୍ଷ ଚନ୍ଦ୍ରଯାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିଲା । କେନ୍ଦ୍ର ସରକାରଙ୍କର ମହାକାଶ କ୍ଷେତ୍ରରେ

ଉଦାରୀକରଣ ନୀତି  ଯୋଗୁଁ ଗତ ୪ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ଭାରତ ବଡ଼ ଧରଣର ସଫଳତା ହାସଲ କରିଛି ।

ମହାକାଶ ଦିବସ ପାଳନ ଅବସରରେ ବିଜ୍ଞାନକୁ ଲୋକପ୍ରିୟ କରିବାରେ ଭୂମିକା ନେଇଥିବା ଡକ୍ଟର କମଳାକାନ୍ତ ଜେନା କୁହନ୍ତି....

**- V/O –**

## ବିଧାନସଭା

ସପ୍ତଦଶ ବିଧାନସଭା ଦ୍ୱିତୀୟ ଅଧିବେଶନର ଚତୁର୍ଥ ଦିନରେ ଆଜି ପ୍ରଶ୍ନକାଳରେ ବିରୋଧୀ ଦଳ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ବିଜୁ ଜନତା ଦଳ ଏବଂ କଂଗ୍ରେସ ସଦସ୍ୟମାନେ ଚିକିଟି ମଦମୃତ୍ୟୁ ପ୍ରସଙ୍ଗକୁ ନେଇ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ବାଚସ୍ପତି ସୁରମା ପାଢ଼ୀ ଗୃହ ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ ।

ଶୂନ୍ୟକାଳରେ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ ଉତ୍ତର ରଖି କହିଛନ୍ତି ବେଆଇନ ମଦ ବିକ୍ରି କାରବାରକୁ ରୋକିବା ପାଇଁ  ସରକାର ସମସ୍ତ ପ୍ରକାର ପଦକ୍ଷେପ ନେବେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଶିକ୍ଷାନୁଷ୍ଠାନ ଏବଂ ଧାର୍ମିକସ୍ଥଳ ନିକଟରେ ମଦ ଦୋକାନ ରହିବ ନାହିଁ। ସରକାର ଏଥିପାଇଁ ନିଶ୍ଚିତ ପଦକ୍ଷେପ ନେଉଛନ୍ତି । ନିଶା ନିବାରଣ ସମ୍ବନ୍ଧୀୟ

ସଚେତନତା ସୃଷ୍ଟି କରିବା ପାଇଁ ସରକାରୀ ସ୍ତରରେ ବଡ଼ ଧରଣର ପଦକ୍ଷେପ ନିଆଯାଉଛି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟ ସରକାର ଖୁବ୍ ଶୀଘ୍ର ନୂଆ ଅବକାରୀ ନୀତି ଆଣିବେ।

## ୧୦୨୫ କୋଟିର ଅନୁଦାନ

୨୦୧୯-୨୦ ଆର୍ଥିକବର୍ଷରୁ ୨୦୨୩-୨୪ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ମୋଟ ୧ ହଜାର ୨୫ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି। ବିଧାନସଭାରେ ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ବର୍ତ୍ତମାନସୁଦ୍ଧା ଅନୁଦାନ ରାଶିରୁ ଗତ ପାଞ୍ଚବର୍ଷ ମଧ୍ୟରେ ୧୦ ହଜାର ୪୯୧ଟି ପ୍ରକଳ୍ପକୁ ପରିଷଦ ପକ୍ଷରୁ ପ୍ରଶାସନିକ ମଞ୍ଜୁରୀ ଦିଆଯାଇଛି। ସେଥିମଧ୍ୟରୁ ୪ ହଜାର ୯୧୮ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୫ ହଜାର ୫୭୩ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି ଗୃହରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରତ୍ନଭଣ୍ଡାର

**ପୁରୀ** ଶ୍ରୀମନ୍ଦିର ରତ୍ନଭଣ୍ଡାର ଆଜି ପୁନର୍ବାର ଖୋଲାଯାଇ ଭିତରେ ଥିବା ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତରଣ କରାଯାଉଛି। ସ୍ଥାନାନ୍ତରଣ କାର୍ଯ୍ୟ ଚାଲିଥିବାରୁ ଶ୍ରୀମନ୍ଦିରର ଦକ୍ଷିଣ ଏବଂ ପଶ୍ଚିମ ଦ୍ୱାର ଦେଇ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ମହାପ୍ରସାଦ ପାଇଁ ଭକ୍ତ ମାନେ ସିଂହଦ୍ୱାର ବାଇଶିପାହାଚ ଦେଇ ପ୍ରବେଶ କରିବା ସହିତ ଆନନ୍ଦବଜାର ରୁ ମହାପ୍ରସାଦ ନେଇ

ଉତ୍ତରଦ୍ୱାର ପଟେ ପ୍ରସ୍ଥାନ କରିପାରିବେ। ସେହିପରି ଭିତର ବେଢାରେ ଥିବା ପାର୍ଶ୍ୱଦେବାଦେବୀଙ୍କ ମନ୍ଦିର ଖୋଲା ରହିଛି।

## ଦ୍ୱି-ବାର୍ଷିକ ବୈଠକ

କେନ୍ଦ୍ର ସରକାରଙ୍କ କୃଷି-କୃଷକ, ସାମାଜିକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏବଂ ଭାରତୀୟ କୃଷି ଗବେଷଣା ପରିଷଦର ମିଳିତ ସହଯୋଗରେ **କଟକ**ସ୍ଥିତ ବିଦ୍ୟାଧରପୁର ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନଠାରେ ଆଜି ଆଞ୍ଚଳିକ କମିଟିର ୨୭ତମ ଦ୍ୱିବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ଗବେଷକ ଏବଂ ବୈଜ୍ଞାନିକମାନେ ଯୋଗଦେଇ ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ପାଇଁ ମତ ରଖିଥିଲେ। ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଓଡ଼ିଶା, ପଶ୍ଚିମବଙ୍ଗ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜଗୁଡିକରେ କୃଷିଉଦ୍ୟାନ, ପଶୁପାଳନ ଏବଂ ମତ୍ସ୍ୟଚାଷ ସହ ଜଡ଼ିତ ସମସ୍ୟାଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ ସାମାଜିକ କଲ୍ୟାଣ ବିଭାଗ ମନ୍ତ୍ରୀ ଭାଗିରଥି ଚୌଧୁରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପରିବର୍ତ୍ତିତ ଜଳବାୟୁ ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି କୃଷି ଓ କୃଷି ଜାତୀୟ ଉତ୍ପାଦନ ବୃଦ୍ଧି କରିବା ନେଇ ମତ ରଖିଥିଲେ।

## ସମୀକ୍ଷା ବୈଠକ

**ନବରଙ୍ଗପୁର** ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌କୁ ଦାଦନମୁକ୍ତ ବ୍ଲକ୍ କରିବା ପାଇଁ କାର୍ଯ୍ୟ କରିବାକୁ ଲୋକସଭା ସାଂସଦ ବଳଭଦ୍ର ମାଝୀ ଗୁରୁତ୍ୱାରୋପ କରିଛନ୍ତି । ବ୍ଲକ୍ ପରିସରରେ ଏକ ସମୀକ୍ଷା ବୈଠକରେ ସାଂସଦ ଶ୍ରୀ ମାଝୀ କହିଥିଲେ, ଆକାଂକ୍ଷୀ ଜିଲ୍ଲା ନବରଙ୍ଗପୁରକୁ ଦାଦନମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାରା କରିବା ଉଦ୍ଦେଶ୍ୟରେ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ । ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ୧୩ ହଜାର ଜବ୍‌କାର୍ଡଧାରୀ ରହିଛନ୍ତି । ଜବ୍‌କାର୍ଡଧାରୀମାନଙ୍କୁ ଉପଯୁକ୍ତ କାମ ଯୋଗାଇଦେଲେ ବାହାରକୁ ଦାଦନ ଖଟିବା ପାଇଁ ଯିବାକୁ ପଡିବ ନାହିଁ । ସମୀକ୍ଷା ସମୟରେ କେତେକ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ହୋଇ ନଥିବାରୁ ତୁରନ୍ତ ସେ ଦିଗରେ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡା ଚାଷୀମାନଙ୍କଠାରୁ ଧାନ କିଣା ସମୟରେ ଯେପରି କୌଣସି ପ୍ରକାର ସମସ୍ୟା ନ ଉପୁଜେ ସେଥିପାଇଁ ମଧ୍ୟ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଡାକ୍ତରଙ୍କୁ ବହିଷ୍କାର

କଟକ ଏସ୍‌ସିବି ମେଡିକାଲ କଲେଜ ଦୁଷ୍କର୍ମ ମାମଲାରେ ସମ୍ପୃକ୍ତ ଡାକ୍ତରଙ୍କୁ ବହିଷ୍କାର କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଗିରଫ ହୋଇଥିବା ଡାକ୍ତର ଠାକୁର ଦିଲବାଗ ସିଂଙ୍କ ବିରୋଧରେ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ସିବି ମେଡିକାଲ କଲେଜର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ସମ୍ପର୍କରେ ଡିଏମ୍‌ଇଟି ଡାକ୍ତର ସନ୍ତୋଷ ମିଶ୍ର କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ଗଠିତ କମିଟି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛି ଏବଂ ଏହି ଘଟଣାରେ ଡାକ୍ତରଙ୍କର ସମ୍ପୃକ୍ତି ନେଇ ପ୍ରମାଣ ମିଳିଛି । ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ, ଚଳିତ ମାସ ପ୍ରଥମ ସପ୍ତାହରେ ଏସ୍‌ସିବି ମେଡିକାଲ କଲେଜରେ ଦୁଇ ଜଣ ମହିଳାଙ୍କୁ ଡାକ୍ତର ଦିଲବାଗ ଦୁଷ୍କର୍ମ କରିଥିବା ନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୁଲିସ ସମ୍ପୃକ୍ତ ଡାକ୍ତରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଡେଙ୍ଗୁ

ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୨ ହଜାର ୪ ଶହକୁ ବୃଦ୍ଧି ପାଇଛି ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି । ସୁନ୍ଦରଗଡ଼, ଭୁବନେଶ୍ୱର ଓ କଟକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁକୁ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ଡେଙ୍ଗୁ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷଣକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଡେଙ୍ଗୁ ସ୍ଥିତି ଉପରେ ଦୃଷ୍ଟି ରଖାଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି ।

## ନୂଆଖାଇ

ନୂଆଖାଇ ପର୍ବ ପାଳନ ଉପଲକ୍ଷେ **ନୂଆପଡ଼ା** ଜିଲ୍ଲା ଖଡିଆଳ ଦରବାର ହଲଠାରେ ଲଗ୍ନ ସ୍ଥିର ହୋଇଛି । ଆସନ୍ତା ୮ ତାରିଖ ଦିନ ସକାଳ ୯ ଟା ୪୦ ରୁ ୧୦ ଟା ୧୨ମିନିଟ ମଧ୍ୟରେ ନବାନ୍ନ ଖାଇବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଯଥାରୀତି ଅନୁଯାୟୀ, ପୂର୍ବ ଦିନ ମା' ସମଲେଶ୍ୱରୀ ଏବଂ ରକ୍ତାମ୍ବରୀଙ୍କଠାରେ ରାତ୍ର ୮ ଟା ୧୪ ମିନିଟରେ ନୂତନ ଶସ୍ୟ ଠାକୁରଙ୍କଠାରେ ଲାଗି ହେବ ।

## ଶିକ୍ଷଣ ସଂସ୍ଥାନ ବୈଠକ

**ଗଞ୍ଜାମ** ଜିଲ୍ଲା ଜନଶିକ୍ଷଣ ସଂସ୍ଥାନର ପ୍ରଥମ ପରିଚାଳନା କମିଟି ବୈଠକ ଛତ୍ରପୁରସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଜନଶିକ୍ଷଣ ସଂସ୍ଥାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନଶିକ୍ଷଣ ସଂସ୍ଥାନ ଦ୍ୱାରା କରାଯାଇଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଓ ବ୍ୟୟ ଅଟକଳ ସମୀକ୍ଷା କରାଯାଇଥିଲା । ଏଥିସହିତ ଚଳିତ ଆର୍ଥିକବର୍ଷରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତି, ଏହାର ବ୍ୟୟ ଅଟକଳ ଓ ପରିଚାଳନା ନିମନ୍ତେ କମିଟି ଗଠନ ଓ ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତି ପ୍ରସ୍ତାବ ଗୃହିତ ହୋଇଥିଲା ।

## ଜାତୀୟ ମହାକାଶ ଦିବସ

**ସୁବର୍ଣ୍ଣପୁର** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଜି ପ୍ରଥମ ଜାତୀୟ ମହାକାଶ ଦିବସ ୨୦୨୪ ପାଳିତ ହୋଇଯାଇଛି । ଇସ୍ରୋ ପକ୍ଷରୁ ଐତିହାସିକ ଚନ୍ଦ୍ରଯାନ-୩ର ସଫଳ

ଅବତରଣର ଏକବର୍ଷ ପୂର୍ତ୍ତିକୁ ନେଇ ଛାତ୍ରଛାତ୍ରୀଙ୍କୁ ମହାକାଶ ଜ୍ଞାନ କ୍ଷେତ୍ରରେ ଭାରତର ପାରଦର୍ଶିତା ଏବଂ ସଫଳତାକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟ ତଥା ମହାବିଦ୍ୟାଳୟଗୁଡ଼ିକରେ ମହାକାଶ ବିଜ୍ଞାନକୁ ନେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି ।

*******************************